ଆରବିଆଇ/୨୦୦୫-୦୬/୩୩୧
ଡିବିଓଡି.ନଂ.ବିଏଲ.ବିସି.୭୨/୨୨.୦୧.୦୦୯/୨୦୦୫-୨୦୦୬

ମାର୍ଚ୍ଚ ୨୨, ୨୦୦୬
ଚୈତ୍ର ୦୧, ୧୯୨୮ ସାଲ୍

**ଅଧ୍ୟକ୍ଷ ଓ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଗଣ**
କ୍ଷେତ୍ରୀୟ ଗ୍ରାମୀଣ ବ୍ୟାଙ୍କ ସମୂହ ଓ ସ୍ଥାନୀୟ କ୍ଷେତ୍ର ବ୍ୟାଙ୍କ ସମୂହ ସମେତ ସମସ୍ତ ଅନୁସୂଚୀତ ବାଣିଜ୍ୟିକ ବ୍ୟାଙ୍କ ସମୂହ

ମହାଶୟ,

**ବ୍ୟାଙ୍କିଙ୍ଗ୍ ସେବା ବୃଦ୍ଧି ଦ୍ୱାରା ଆର୍ଥିକ ଅନ୍ତର୍ନିବେଶ-ବ୍ୟାପାରିକ ସୁଗମକାରୀଗଣ ଓ ଯୋଗସୂତ୍ରଧାରୀଙ୍କର ବ୍ୟବହାର ।**

ଦୟାକରି ଉପରୋକ୍ତ ବିଷୟ ଉପରେ ଆମର ପରିପତ୍ର ଡିବିଓଡି. ନଂ ବିଏଲ୍.ବିସି ୫୮/୨୨.୦୧.୦୦୧/ ୨୦୦୫-୨୦୦୬, ଜାନୁଆରୀ ୨୫, ୨୦୦୬କୁ ଦେଖନ୍ତୁ।

୨. ଉପରୋକ୍ତ ପରିପତ୍ର ଅନୁଯାୟୀ, 'ବ୍ୟାପାରିକ ଯୋଗସୂତ୍ରଧାରୀ' ନମୂନା ଅନ୍ତର୍ଗତ ସାର୍ବଜନିକ ଜମାରାଶି ଗ୍ରହଣ କରୁନଥିବା ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ ସମୂହ ଯୋଗ୍ୟ ସଂସ୍ଥା ମାନଙ୍କ ମଧ୍ୟରେ ରହିବେ ଯେଉଁମାନଙ୍କୁ ବ୍ୟାଙ୍କ ଗୁଡିକ ଦ୍ୱାରା ମଧ୍ୟସ୍ଥି ଭାବରେ ନିୟୋଜିତ କରାଯାଇ ପାରିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ ମାନଙ୍କର ଯୋଗ୍ୟତା ମାନଦଣ୍ଡ ଇତ୍ୟାଦିକୁ ପରୀକ୍ଷା କରୁଅଛନ୍ତି ଯେଉଁମାନଙ୍କୁ ବ୍ୟାଙ୍କ ଗୁଡିକ ଦ୍ୱାରା ବ୍ୟାପାରିକ ଯୋଗସୂତ୍ରଧାରୀଙ୍କର ଭୂମିକା ଅର୍ପଣ କରାଯାଇପାରିବ। ଏହାକୁ ପ୍ରୟୋଗ କରିବାରେ ବିଳମ୍ବ ଯୋଗୁଁ ବ୍ୟାଙ୍କ ଗୁଡିକୁ ବ୍ୟାପାରିକ ଯୋଗସୂତ୍ରଧାରୀ ଭାବରେ ଅଣବ୍ୟାଙ୍କିଙ୍ଗ୍ ବିତ୍ତୀୟ କଂପାନୀ ଗୁଡିକର ମନୋନୟନ/ବ୍ୟବହାରକୁ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଉଛି। କଂପାନୀ ଅଧିନୀୟମ, ୧୯୫୬ର ଧାରା ୨୫ ଅନୁଯାୟୀ ବ୍ୟାଙ୍କମାନେ ଲାଇସେନ୍ସ ପ୍ରାପ୍ତ ଅଣ ବ୍ୟାଙ୍କିଂ ବିତ୍ତୀୟ କଂପାନୀ ମାନଙ୍କୁ ବ୍ୟାପାରିକ ଯୋଗସୂତ୍ରଧାରୀ ଭାବରେ ବ୍ୟବହାର କରିପାରିବ।

ଆପଣଙ୍କର ବିଶ୍ୱସ୍ତ

**ପି.ବିଜୟ ଭାସ୍କର**
**ମୁଖ୍ୟ ସାଧାରଣ ପରିଚାଳକ**